# ବଦଳୁଛି ଧୂଳିପୁଟ ପଞ୍ଚାୟତ ସ୍ଥିତି

ଚିତ୍ରକୋଣ୍ଡା,୧୦।୧(ଡି.ଏନ.ଏ.)

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଧୂଳିପୁଟ ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ବିକାଶମୂଳକ କାର୍ଯ୍ୟ ଆଗେଇ ଚାଲିଛି। ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ପରେ ଦୀର୍ଘବର୍ଷ ଧରି ଜଳବନ୍ଦୀ ଜୀବନ କାଟୁଥିବା ଏହି ପଞ୍ଚାୟତର ୨୬ଟି ଗ୍ରାମର ଗ୍ରାମବାସୀଙ୍କ ଜୀବନଜୀବିକାରେ ଆସିଛି ପରିବର୍ତ୍ତନ। ପୂର୍ବରୁ ଉକ୍ତ ଅଞ୍ଚଳରେ ମାଓବାଦୀଙ୍କ ଅଧିପତ୍ୟ ଥିଲା। ଏପରିକି ୨୦୧୧ରେ ତତ୍କାଳୀନ ମାଲକାନଗିରି ଜିଲାପାଳ ଭିନିଲକ୍ରିଷ୍ଣାଙ୍କୁ ମାଓବାଦୀ ଅପହରଣ କରିନେଇଥିଲେ। ସେବେଠାରୁ ଉକ୍ତ ଅଞ୍ଚଳକୁ କୌଣସି ଅଧିକାରୀମାନେ ଗସ୍ତ କରି ନ ଥିଲେ। ଗତ ଜୁନ୍ ୨୦୧୯ରେ ଧୂଳିପୁଟ ପଞ୍ଚାୟତରେ ବ୍ଲକ ପ୍ରଶାସନ ପହଞ୍ଚିଥିଲା। ବିଡିଓ ଲରିମନ ଖରସେଲ, କନିଷ୍ଠଯନ୍ତ୍ରୀ ଶିବାଶିଷ ବିଶ୍ୱାସଙ୍କ ସହ ବିଭାଗୀୟ ଅଧିକାରୀମାନେ ଆସିଥିଲେ। ସେତେବେଳେ ଧୂଳିପୁଟକୁ ଗମନାଗମନ ସୁବିଧା ନ ଥିଲା। କେବଳ ପିଇଓଙ୍କ ଦ୍ୱାରା ଚାଲିଥିଲା ପଞ୍ଚାୟତ। ବ୍ଲକ ପ୍ରଶାସନ ଧୂଳିପୁଟରେ ସବୁ ଗ୍ରାମର ଲୋକଙ୍କୁ ନେଇ ଏକ ବୈଠକ କରି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ, ଗମନାଗମନ ପାଇଁ ରାସ୍ତା, ପାନୀୟ ଜଳ, ଅଙ୍ଗନୱାଡ଼ି, ଶିକ୍ଷା,ସ୍ୱାସ୍ଥ୍ୟସେବା ସମସ୍ୟା ନେଇ ଲୋକେ ରଖିଥିଲେ ସେମାନଙ୍କ ମତ। ପଞ୍ଚାୟତରେ ଆଗାମୀ ଦିନରେ ବିକାଶମୂଳକ କାର୍ଯ୍ୟ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇ ଫେରିଥିଲେ। ସେହି ଅନୁସାରେ ବଡପଡା ମାଳିଗୁଡାଠାରୁ ଲୁହାରାମ ଦେଇ ଧୂଳିପୁଟ ପର୍ଯ୍ୟନ୍ତ ସାଢେ ୩କି.ମି. ରାସ୍ତା ନିର୍ମାଣ ହୋଇଛି। ରାସ୍ତା ହେବା ପରେ ଅଙ୍ଗନୱାଡି କେନ୍ଦ୍ର ଗୃହ, ମାର୍କେଟ କମ୍ପ୍ଲେକ୍ସ, ପଞ୍ଚାୟତ କାର୍ଯ୍ୟାଳୟ ଗୃହ, ଗୋଦାମ ଗୃହ ନିର୍ମାଣ ଚାଲିଛି। ଧୂଳିପୁଟ ପଞ୍ଚାୟତବାସୀଙ୍କ ସହ ରାଲେଗଡା ପଞ୍ଚାୟତର କେତେକ ଗ୍ରାମକୁ ଯାତାୟାତ ଲାଗି ପ୍ରତିବନ୍ଧକ ସାଜିଥିବା ମାଳିଗୁଡା ନଦୀରେ ପୋଲ ନିର୍ମାଣ ହେଉଛି। ଧୂଳିପୁଟ ପଞ୍ଚାୟତର ୬ଟି ଗ୍ରାମରେ ଷ୍ଟ୍ରିଟ ଲାଇଟ ଲାଗିଛି । ଅଞ୍ଚଳରେ ୪ଟି ନଳକୂପ ଖୋଲାଯାଇଛି। ପ୍ରଶାସନ ପକ୍ଷରୁ ଏପରି ବିକାଶମୂଳକ କାର୍ଯ୍ୟ ଜାରି ରହିଲେ ଉକ୍ତ ଅଞ୍ଚଳର ଲୋକେ ଦିନେ ଜଳବନ୍ଦୀ ଜୀବନ କାଟୁଥିଲେ ତାହା ସମୟକ୍ରମେ ଭୁଲିଯିବେ ଏଥିରେ ସନ୍ଦେହ ନାହିଁ।



ଧୂଳିପୁଟ ପଞ୍ଚାୟତରେ ନିର୍ମାଣାଧୀନ ଉନ୍ନୟନ ପ୍ରକଳ୍ପ।

- ନିର୍ମାଣାଧୀନ ଅଛି ଅଙ୍ଗନୱାଡି ଗୃହ, ମାର୍କେଟ କମ୍ପ୍ଲେକ୍ସ ସହ ବ୍ରିଜ
- ୬ ଗ୍ରାମରେ ଲାଗିଛି ଷ୍ଟ୍ରିଟ୍ ଲାଇଟ
- ବ୍ଲକ ପ୍ରଶାସନ ଜାରି ରଖିଛି ନିରନ୍ତର ଉଦ୍ୟମ

## | ପିକ୍‌ନିକ୍ ସ୍ପଟ୍ |
# ‘ଢୁ ଢୁଆ’ ଜଳପ୍ରପାତ


‘ଢୁ ଢୁଆ’ ଜଳପ୍ରପାତ

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ଖୋର୍ଦ୍ଧା ଜିଲା। ପାହାଡ଼, ଜଙ୍ଗଲ, ନଦୀ, ଝରଣା, ଆଦିବାସୀ ସଂସ୍କୃତି ଏବଂ ବିଭିନ୍ନ ମନ୍ଦିର ଜିଲାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଏଠାରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ତଥା ପିକ୍‌ନିକ ସ୍ପଟଗୁଡ଼ିକ ଜିଲା, ରାଜ୍ୟ, ଦେଶ ସମେତ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏହା ମଧ୍ୟରେ ଅନ୍ୟତମ ହେଲା ଜିଲାର ବାଣପୁର ବ୍ଲକ ନୀଳାଦ୍ରିପ୍ରସାଦ ପଞ୍ଚାୟତ ଅଧୀନ ବରବରା ଜଙ୍ଗଲ ମଧ୍ୟରେ ରହିଥିବା ‘ଢୁ ଢୁଆ’ ଜଳପ୍ରପାତ। ଲୁକ୍କାୟିତ ହୋଇ ରହିଥିବା ଏହି ଜଳପ୍ରପାତ ସମ୍ପର୍କରେ କିଛିବର୍ଷ ପୂର୍ବେ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ଲୋକଙ୍କଠାରୁ ସୂଚନା ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ବଣଭୋଜି ପାଇଁ ଏହି ସ୍ଥାନ ଅନୁକୂଳ ହୋଇଥିବା ବେଳେ ପ୍ରପାତରେ ଗାଧୋଇବା ମଧ୍ୟ ନିରାପଦ। ପର୍ଯ୍ୟଟକମାନେ ଏଠାକାର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ନିକଟରେ ଥିବା ପ୍ରସିଦ୍ଧ ମା’ ବିରଜାଈ ଠାକୁରାଣୀ, ମା’ ତାରିଣୀ ପୀଠ ଏବଂ ବାଣପୁରର ମା’ ଭଗବତୀଙ୍କ ପୀଠ ଦର୍ଶନ କରିପାରିବେ। ତେବେ ଏହି ଜଳପ୍ରପାତକୁ ପର୍ଯ୍ୟଟକ କିଭଳି ବହୁ ସଂଖ୍ୟାରେ ଆସିପାରିବେ ଏବଂ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### କେମିତି ଯିବେ

ବାଣପୁରଠାରୁ ୨୦କିଲୋମିଟର ଦୂରରେ ରହିଛି ନୀଳାଦ୍ରିପ୍ରସାଦ ଗ୍ରାମ। ସେଠାରୁ ମା’ ବିରଜାଈ ମନ୍ଦିର ରାସ୍ତାରେ ୨କି.ମି. ଅତିକ୍ରମ କଲେ ପଡ଼ିବ ବ୍ରହ୍ମପଦା ପ୍ରାଥମିକ ବିଦ୍ୟାଳୟ। ଉକ୍ତ ବିଦ୍ୟାଳୟ ପାର୍ଶ୍ୱ ଦେଇ ଯାଇଛି ଏକ ମାଟି ରାସ୍ତା। ଏହି ରାସ୍ତାରେ ଏକ କିଲୋମିଟର ଗଲେ ପଡ଼ିବ ଡିମିରି ସାହି। ସାହି ପାର୍ଶ୍ୱ ଦେଇ ପାଦଚଲା ରାସ୍ତାରେ ୫୦ମିଟର ପରେ ‘ଢୁ ଢୁଆ’ ଜଳପ୍ରପାତରେ ପହଞ୍ଚିପାରିବେ।

– ରିପୋର୍ଟ: ସଂଗ୍ରାମ ପାଇକରାୟ, ବାଲୁଗାଁ

## ରବିବାର ବି ସ୍କୁଲରେ ପଢ଼ିଲେ ପିଲା

ଉମରକୋଟ, ୧୦।୧(ସ୍ୱ.ପ୍ର.):

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୮ ତାରିଖରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିଛି। ରବିବାର ମଧ୍ୟ ସ୍କୁଲରେ ପାଠପଢ଼ା ଚାଲିଥିଲା। ଏହି କ୍ରମରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡ଼ବାସନୀ ଗ୍ରାମସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ପାଠ ପଢ଼ା ଯାଇଥିଲା। ଅନେକ ଦିନ ହେବ ସ୍କୁଲରେ ପାଠପଢା ବନ୍ଦ ଥିଲା। ଅନ୍ ଲାଇନ୍ ପାଠପଢ଼ାରେ ଅବୁଝା ରହି ଯାଉଥିଲା। ଶ୍ରେଣୀ ଗୃହ ପାଠପଢାରେ କିଛି ଅବୁଝା ରହିଲେ ତୁରନ୍ତ ଶିକ୍ଷକଙ୍କୁ ପଚାରି ତା’ର ସମାଧାନ ହୋଇପାରିବ ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ଦେଈ ଓ ଛାତ୍ରୀଛାତ୍ର କହିଛନ୍ତି। ସ୍କୁଲରେ ଜଣେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ଦେବାକୁ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କ୍ଷମା ରାଜଗଣ୍ଡ କହିଛନ୍ତି।

## ୧୬ ବର୍ଷରୁ କମ୍ କ୍ରିକେଟ ଟିମ୍ ଚୟନ

ଜୟପୁର,୧୦।୧(ନି.ପ୍ର.)

ଜୟପୁର ବିକ୍ରମଦେବ ଷ୍ଟାଡିୟମଠାରେ ରବିବାର ୧୬ ବର୍ଷରୁ କମ ବୟସର କ୍ରିକେଟ ଟିମ୍ ଚୟନ ଆରମ୍ଭ ହୋଇଛି । ଏଥିରେ କୋରାପୁଟ ଜିଲାର ୯୦ ଜଣ ଖେଳାଳି ଭାଗ ନେଇଥିଲେ । ସେଥିରୁ ୩୭ ଜଣ ଖେଳାଳି ଚୟନ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୫ ଜଣ ଖେଳାଳି ଚୟନ ହେବେ । ଚୟନ କମିଟିରେ ଅସିତ ଦାସ, ବାବୁଲା ରାଉତ, ବଳରାମ ପାଣିଗ୍ରାହୀ. ଦିଲୀପ କୁମାର ସ୍ୱାଇଁ, ଅନୁପ ପାତ୍ର, ରବି ନାୟକ, ୱାଇ. ପ୍ରସାଦ ପ୍ରମୁଖ ଅଛନ୍ତି। ସେମାନଙ୍କ ତତ୍ତ୍ୱାବଧାନରେ ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା।

## ନୂତନ କୃଷି ଆଇନ ସମ୍ପର୍କରେ ଆଲୋଚନା କାର୍ଯ୍ୟକ୍ରମ

କୋରାପୁଟ,୧୦।୧(ସ୍ୱ.ପ୍ର.)–

ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜନ୍ମବାର୍ଷିକୀ ଅବସରରେ କୋରାପୁଟସ୍ଥିତ ସର୍ବୋଦୟ ସମିତି ପକ୍ଷରୁ ନୂତନ କୃଷି ଆଇନ ଉପରେ ଏକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। । ବରିଷ୍ଠ ନାଗରିକ ଆସ୍ଥାନ ପରିସରରେ ପୂର୍ବତନ ଜିଲାପାଳ ଗଦାଧର ପରିଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ଅଖିଳ ଭାରତୀୟ ସର୍ବୋଦୟ ମଣ୍ଡଳ ସଭାପତି ଚନ୍ଦନ ପାଲାନି, ସମ୍ପାଦକ ଗୌରାଙ୍ଗ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କୃଷି ଆଇନ ଉପରେ ନିଜ ମତ ରଖିଥିଲେ । ସମ୍ମାନିତ ଅତିଥି ରୂପେ ଭୂଦାନ କର୍ମୀ ନିଶାକର ଦାସ ଯୋଗଦେଇ ଭୂ-ଆନ୍ଦୋଳନ ଓ କୃଷକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଡ. ଅମୂଲ୍ୟ ମହାପାତ୍ର, ନାରାୟଣ ପଣ୍ଡା, ଜଗବନ୍ଧୁ ସାମଲ, ଡ. ପ୍ରୀତିଧାରା ସମାଲ, ଜଳଧର ସ୍ୱାଇଁ, ଉମାକାନ୍ତ ଦାସ, ବିଜୟ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅଧ୍ୟାପକ ରବି ଶତପଥୀ ପରିଚାଳନା କରିଥିଲେ ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ଗୁରୁତର

ଦଶମନ୍ତପୁର୧୦।୧ ( ଡି.ଏନ୍.ଏ. )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତର ବିରିଗୁଡ଼ା ଆଦିବାସୀ ସାହିର ଜଣେ ମହିଳା ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ ହେଲେ ମଙ୍ଗଲୁ ମାଣ୍ଡିଙ୍ଗାଙ୍କ ସ୍ତ୍ରୀ ପଙ୍କ ମାଣ୍ଡିଙ୍ଗା (୩୭)। ପଙ୍କ କାଠ ଆଣିବା ପାଇଁ ଗ୍ରାମ ନିକଟସ୍ଥ ପୋଇଝୋଲା ଡଙ୍ଗରକୁ କେତେକ ମହିଳାଙ୍କ ସହ ମିଶି ଯାଇଥିଲେ। କାଠ ଗୋଟାଇ ଏକାଠି କରୁଥିବା ସମୟରେ ଏକ ସାପ ତାଙ୍କ ବାମ ଗୋଡ଼କୁ କାମୁଡି ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କ ସହ ଯାଇଥିବା ମହିଳାମାନେ ତାଙ୍କୁ ଗ୍ରାମକୁ ନେଇ ଆସିଥିଲେ। ପରିବାର ଲୋକେ ତୁରନ୍ତ ନେଇ ପଙ୍କଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ତାଙ୍କ ଗୋଡ଼ରେ ଅଳ୍ପ ଫୁଲା ରହିଛି। ଅବସ୍ଥା ଟିକେ ଭଲ ଥିବା ଡାକ୍ତର ଶ୍ରୀରାମ ପରିଡ଼ା କହିଛନ୍ତି।

### ଭଲିବଲ ଟୁର୍ନାମେଣ୍ଟ: ମଜୁରଲେଣ୍ଡି ଚାମ୍ପିୟନ

କୁଡୁମୁଲୁଗୁମ୍ମା,୧୦।୧(ଡି.ଏନ.ଏ.)-

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମାର ବିଙ୍ଗୁଗୁଡା ଗ୍ରାମରେ ରବିବାର ଏକ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ମଜୁରଲେଣ୍ଡି ଓ ସାଇପାର ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଟ୍ରାଇବ୍ରେକର ପଏଣ୍ଟ ଆଧାରରେ ମଜୁରଲେଣ୍ଡି ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ରୂପେ ସରପଞ୍ଚ ପହଲା ପାଙ୍ଗି, ମୁଖ୍ୟବକ୍ତା ରୂପେ ବାଳକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ରୂପେ ପୂର୍ବତନ ସରପଞ୍ଚ ଗୋପୀ ପାଙ୍ଗି, ସାମାଜିକ କର୍ମୀ ଭଗବାନ ସାହୁ, ୱାର୍ଡସଭ୍ୟ ତିଲି ପାଙ୍ଗି, ମନ ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ମ୍ୟାଚ ରେଫରି ରୂପେ ତିରଥ ଦୋରା ଦାୟିତ୍ୱ ତୁଲାଇଥିଲେ। ମହିମା ଅଲେଖ ସ୍ପୋର୍ଟସ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ସଦସ୍ୟମାନେ ପରିଚାଳନା କରିଥିଲେ।

### ଜଣେ କରୋନା ପଜିଟିଭ ଚିହ୍ନଟ

କୋରାପୁଟ,୧୦।୧(ସ୍ୱ.ପ୍ର.) କୋରାପୁଟ ଜିଲାରେ କୋରନାରେ ରବିବାର ପୁଣି ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୭ ହଜାର ୮୨୧କୁ ବୃଦ୍ଧିପାଇଛି। ଚିହ୍ନଟ ବ୍ୟକ୍ତି ଜଣକ ଜୟପୁର ମ୍ୟୁନିସିପାଲିଟି ଅଞ୍ଚଳର ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ‘ନିଜକୁ ଠିକ୍ ଭାବେ ପ୍ରସ୍ତୁତ କଲେ ସଫଳତା ମିଳିବ’

ନବରଙ୍ଗପୁର, ୧୦।୧(ବି.ପ୍ର.)

ପ୍ରଶାସନିକ ସେବା ଦ୍ୱାରା ଅନେକ ଜନସାଧାରଣଙ୍କ ସେବା କରାଯାଇ ପାରିବ ବୋଲି ‘ମୁଁ ବି ସମର୍ଥ’ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ଆଦିବାସୀ, ହରିଜନ ଓ ପଛୁଆ ଜାତି ବିକାଶର ଉପନିର୍ଦ୍ଦେଶିକା ଓ ଉପସଚିବ ପ୍ରଣତି ପାତ୍ର କହିଛନ୍ତି। ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି, ଇଚ୍ଛାଧୀନ ବିଷୟ ଓ ମୌଖିକ ପରୀକ୍ଷାର ପ୍ରସ୍ତୁତି ସମ୍ପର୍କରେ କୋରାପୁଟ ଜିଲା ଉନ୍ନୟନ ବିକାଶ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ପ୍ରଧାନ ବିଦ୍ୟାର୍ଥୀଙ୍କୁ ବୁଝାଇଥିଲେ। ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ବଢୁଥିବାରୁ ନିଜକୁ କିଭଳି ପ୍ରସ୍ତୁତ କରିପାରିବ, ସେ ସମ୍ପର୍କରେ ନବରଙ୍ଗପୁର ଜିଲା ସହକାରୀ ଜିଲାପାଳ ମୌସୁମୀ ନାୟକ ବୁଝାଇଥିଲେ। ସାଧାରଣ ବିଦ୍ୟାର୍ଥୀ ମଧ୍ୟ ପ୍ରଶାସନିକ ସେବାରେ ଉତ୍ତୀର୍ଣ୍ଣ ହୋଇଥିବାର ଅନେକ ନଜିର ରହିଛି। ନିଜକୁ ଠିକ୍ ରୂପେ ପ୍ରସ୍ତୁତ କରିପାରିଲେ ସଫଳତା ମିଳିବ ବୋଲି କେନ୍ଦୁଝର ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ପ୍ରତାପ ପ୍ରୀତିମୟ ମତବ୍ୟକ୍ତ କରିଛନ୍ତି। ‘ମୁଁ ବି ସମର୍ଥ’ କାର୍ଯ୍ୟକ୍ରମ ସଂଯୋଜକ ଲକ୍ଷ୍ମୀ ନାରାୟଣ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।


ୱେବିନାରରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅତିଥି।

## ଦାୟିତ୍ୱ ନେଲେ ଅତିରିକ୍ତ ତହସିଲଦାର

ଟିକିରି,୧୦।୧(ଡି.ଏନ୍.ଏ.)–

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର ନୂତନ ଅତିରିକ୍ତ ତହସିଲଦାର ରୂପେ କୁଶ ଗରଡ଼ା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ଅତିରିକ୍ତ ତହସିଲଦାର ଦାୟିତ୍ୱରେ ଥିବା କପିଳେଶ୍ୱର ତାଣ୍ଡି ଗୁଣପୁରତ ତହସିଲଦାରଭାବେ ଯୋଗ ଦେଇଛନ୍ତି। ପୂର୍ବରୁ କାଶୀପୁର ତହସିଲରେ କାର୍ଯ୍ୟ କରିଥିବା ଗରଡ଼ାଙ୍କ ପୁଣି ଫେରିଥିବା ଯୋଗୁ ଅଞ୍ଚଳବାସୀ ଏବଂ ତହସିଲ କର୍ମଚାରୀ ତାଙ୍କୁ ସ୍ୱାଗତ କରିଛନ୍ତି।

## ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ

ବ୍ରହ୍ମପୁର ଅଫିସ,୧୦।୧–

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ସଦର ଥାନା ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଲୋଚପଡା ଶ୍ରୀରାମନଗର ଦ୍ୱିତୀୟ ସାରଣୀର ବିଜୟ ବୋଷ (୪୦)। ମାମଲା ନଂ.୧୨/୨୧ ଅନୁସାରେ ବିଜୟଙ୍କୁ କୋର୍ଟଚାଲାଣ କରାଯାଇଛି।

## ସ୍ୱାସ୍ଥ୍ୟକର୍ମୀଙ୍କ ଟିକା ବର୍ଜନ ଧମକ



ସଂଘ ପକ୍ଷରୁ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ରାଇଘର ୧୦।୧ (ଡି.ଏନ୍.ଏ.)

ରାଜ୍ୟ ମହିଳା, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ ରାଇଘର ଶାଖା ପକ୍ଷରୁ ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ହାଟଭରଣ୍ଡିଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ରବିବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ଯୋଜନା ସଫଳ ରୂପାୟନ କ୍ଷେତ୍ରରେ ସ୍ୱାସ୍ଥ କର୍ମୀମାନେ କାମ କରୁଛନ୍ତି। ତେବେ ସରକାର କେବଳ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ କର୍ମଚାରୀଙ୍କୁ ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କ ଚାକିରି କାଳ ମଧ୍ୟରେ ୫ରୁ୭ଟି ପଦୋନ୍ନତିର ବ୍ୟବସ୍ଥା କରିଛନ୍ତି। କିନ୍ତୁ ସ୍ୱାସ୍ଥକର୍ମୀଙ୍କ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରାଯାଉଛି। ତେଣୁ ରାଜ୍ୟରେ ୧୫ ହଜାର କରୋନା ଯୋଦ୍ଧା ସ୍ୱାସ୍ଥ୍ୟକର୍ମୀ ସରକାରଙ୍କ ଅବହେଳା ପ୍ରତିବାଦରେ କରୋନା ଟିକା ନେବୁନାହିଁ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଉଦ୍ଭିଦ ବିଜ୍ଞାନ ବିଭାଗର ଅନ୍‌ଲାଇନ ପାଠଚକ୍ର

ରାୟଗଡ଼ା ଅଫିସ,୧୦।୧

**ଦେଶ, ବିଦେଶରୁ ଛାତ୍ରୀଛାତ୍ର, ପ୍ରଫେସରଙ୍କ ଅଂଶଗ୍ରହଣ**

ରାୟଗଡ଼ା ଅଟୋନୋମସ୍ କଲେଜ ଉଦ୍ଭିଦ ବଜ୍ଞାନ ବିଭାଗ ପକ୍ଷରୁ ରବିବାର ଏକ ଅନ୍‌ଲାଇନ୍ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଭି.ଆର୍. ରତ୍ନଶ୍ରୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରସନ୍ନ କୁମାର ଗନ୍ତାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ ନୂଆଦିଲ୍ଲୀସ୍ଥିତ ଆଇସିଜିଇବିର ଗ୍ରୁପ୍ ଲିଡର ରଞ୍ଜନ ନନ୍ଦ, ଆଇଆଇଟି ରୁର୍କିର ଆସୋସିଏଟ ପ୍ରଫେସର ଦେବବ୍ରତ ସିରକର ଏବଂ ଆଇଆଇଟି ମାଣ୍ଡିର ଆସୋସିଏଟ ପ୍ରଫେସର ଶ୍ୟାମ କୁମାର ମାସକାପାଲି ଉପସ୍ଥାପକ ଭାବେ ଅଂଶଗ୍ରହଣ କରି କୃଷି ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅତ୍ୟାଧୁନିକ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ସେହିପରି ଏହି ପାଠଚକ୍ରରେ କୃଷି ଓ ସ୍ୱାସ୍ଥ୍ୟର ବିଶେଷତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରସନ୍ନ କୁମାର ଗନ୍ତାୟତ ଏବଂ ଅନିତା ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ପ୍ରିୟଦର୍ଶନୀ ବଳ ଧନ୍ୟବାଦ ଦେଇଥିଲେ । ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରଙ୍କ ସମେତ ଉଦ୍ଭିଦ ବିଜ୍ଞାନ ବିଭାଗର ଶିବ ପ୍ରସାଦ ପିଡିକା, ରାଜେଶ କୁମାର ବେହେରା ଏବଂ ମନ୍ମଥ ରାଓ ତୋଇକା ସାମିଲ ହୋଇଥିଲେ। ପାଠଚକ୍ରରେ ହାଇଦ୍ରାବାଦ, ନୂଆଦିଲ୍ଲୀ, ତିରୁପତି ଏବଂ କେରଳରୁ ୧୦୫ଜଣ ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ ନେଦରଲାଣ୍ଡ ଏବଂ ପଶ୍ଚିମ ଆଫ୍ରିକାରୁ ବିଜ୍ଞ ବ୍ୟକ୍ତି ସାମିଲ ହୋଇଥିଲେ।

## ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି କେନାଲ ମରାମତି କାର୍ଯ୍ୟ

ଜୟପୁର,୧୦।୧(ନି.ପ୍ର.)

**୫ ଗାଁକୁ ଜଳ ଯୋଗାଣ ଆଜି**

ଜୟପୁର ପାରାବେଡା ନିକଟସ୍ଥ ଏକଟାଗୁଡା ଦେଇ ଯାଇଥିବା ଧନପୁର ଶାଖା ମାଟି କେନାଲ ଭୁଶୁଡି ଶନିବାର ୩୦ ଫୁଟର ଘାଇ ହୋଇଥିଲା। କେନାଲ ପାଣି ଓ ମାଟି ନିକଟସ୍ଥ ଚାଷଜମିରେ ମାଡି ଯାଇଥିଲା। ଏଥିରେ ଶତାଧିକ ଏକର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ବିଧାୟକ ତାରା ପ୍ରସାଦ ବାହିନୀପତି,ଜିଲାପାଳ ମଧୁସୂଦନ ମିଶ୍ର ଓ ଉପ ଜିଲାପାଳ ହେମକାନ୍ତ ସୟ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ଏହାର ମରାମତି ଲାଗି ଜଳସେଚନ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରିଥିଲା। କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ପଣ୍ଡା ଘଟଣା ସ୍ଥଳରେ ରହି କାର୍ଯ୍ୟ ତଦାରଖ କରୁଥିଲେ। ରବିବାର ଘଟଣାସ୍ଥଳକୁ ନିର୍ବାହୀଯନ୍ତ୍ରୀ ସରୋଜ ସାହୁ ଓ ସିସି ଅଶ୍ୱିନୀ ମହାନ୍ତି ଯାଇ ସ୍ଥିତି ସମୀକ୍ଷା କରି ଫେରିଛନ୍ତି। ସୋମବାର ସୁଦ୍ଧା କେନାଲରେ ପାଣି ଛଡାଯିବ। ଏଥିଯୋଗୁ ଜଳ ଯୋଗାଣ ବନ୍ଦ ରହିଥିବା ଧନପୁର, କାଳିଆଗାଁ, ଖୁଡୁପି, ଅନ୍ତା, ବାଲିଆ ଗ୍ରାମକୁ ଜଳ ଯୋଗାଣ ହେବ ବୋଲି ସାହୁ କହିଛନ୍ତି।

## ୧୦୨ କେଜି ଗଞ୍ଜେଇ ଜବତ: ୯ ଗିରଫ

ଜୟପୁର,୧୦।୧(ନି.ପ୍ର.)

ଜୟପୁର ସଦର ପୋଲିସ ଲମତାପୁଟରୁ ଜୟପୁର ଦେଇ ଉତ୍ତରପ୍ରଦେଶ ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ବୋଲେରୋକୁ ଜବତ କରି ୧୦୨ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୯ଜଣକୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତର ପ୍ରଦେଶର ମହମ୍ମଦ ଇଲିଆସ, ମହମ୍ମଦ ଅନ୍ସ,ଆଲ୍ଲାହାବାଦର ଗୌରୀଶଙ୍କର ପ୍ରଜାପତି, ମହମ୍ମଦ ରାମଜାନ, ମହମ୍ମଦ ସଦ୍ଦାମ, ମହମ୍ମଦ ଅଶରଫ, କୋରାପୁଟର ମଦନ ହନ୍ତାଳ, ସୁଦାମ ପୂଜାରୀ ଓ ଧନପତି ପାଙ୍ଗି। ଗଞ୍ଜେଇ ଚୋରାଚାଲାଣ ସମ୍ପର୍କରେ ଖବର ପାଇ ଓଆଇସି ଏ.ମହାକୁର ଓ ଏସଆଇ ଏନକେ ଟୋପ୍ପୋ ବ୍ରାହ୍ମଣୀ ଗାଁ ନିକଟରେ ଜଗି ରହିଥିଲେ। ଉକ୍ତ ବୋଲେରୋ ପହଞ୍ଚିବା ପରେ ତାକୁ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ଗିରଫ ଅଭିଯୁକ୍ତଙ୍କଠାରୁ ୭ଟି ମୋବାଇଲ ଫୋନ ଏବଂ ୧ଲକ୍ଷ ୪୯ ହଜାର ୪ଶହ ଟଙ୍କା ପୋଲିସ ଜବତ କରିଛି।


ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତାଲାପଦରଠାରେ ଭୁଶୁଡି ପଡିଥିବା ବିଜୁ ସେତୁ ।


ଅଧିକାରୀମାନେ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି ।

## ସଂକ୍ଷେପରେ

### ସାମ୍ବାଦିକ ସଂଘର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ

କୋରାପୁଟ,୧୦।୧(ସ୍ୱ.ପ୍ର)- କୋରାପୁଟ ଜିଲାର ଜୟପୁରସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ରବିବାର ଜିଲା ସାମ୍ବାଦିକ ସଂଘର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଘ ସଭାପତି ରାଜେନ୍ଦ୍ର ଗୌଡ ଅଧ୍ୟକ୍ଷତା କରିଥିଲେ। ଜୟପୁର ପୌର ପରିଷଦର ପୂର୍ବତନ ଉପନଗରପାଳ ସୂର୍ଯ୍ୟ ନାରାୟଣ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା । ସଭାପତି ଭାବେ ଭବାନୀ ଶଙ୍କର ମିଶ୍ର, କାର୍ଯ୍ୟକାରୀ ସଭାପତି ଭୂଷିତ କୁମାର ବିଡିକା, ଉପସଭାପତି ପ୍ରତାପ ନିମାଲ ଓ ପରେମେଶ୍ୱର ସାହୁ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ, ଯୁଗ୍ମ ସମ୍ପାଦକ ମନୋଜ ନାୟକ ଓ ସୌମ୍ୟ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ରୂପେ ରଞ୍ଜନ କୁମାର ଦାସଙ୍କୁ ମନୋନୀତ କରାଯାଇଥିଲା। ବରିଷ୍ଠ ଖବରଦାତା ପରିକ୍ଷୀତ ବିଶ୍ୱାଳ ଓ ଶଶଧର ରାଉତ ସଂଘ ଉପଦେଷ୍ଟା ଭାବେ ଏବଂ ସଂଘ ମଙ୍ଗଳ କମିଟି ଅଧ୍ୟକ୍ଷ ଭାବେ ଟି ଗୌରୀ ଶଙ୍କରଙ୍କୁ ମୋନନୀତ କରାଯାଇଥିଲା । ସେହିପରି ଜିଲାର ୧୪ ବ୍ଲକ ପାଇଁ ୧୪ ଜଣଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ମନୋନୀତ କରାଯାଇଛି।

### ୮ରୁ ଯାଦବ ମାଝି ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ଚନ୍ଦାହାଣ୍ଡି, ୧୦।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଦଣ୍ଡାମୁଣ୍ଡାସ୍ଥିତ ପଲ୍ଲିଶ୍ରୀ ଯୁବକ ସଙ୍ଘ ଆନୁକୂଲ୍ୟରେ ସଙ୍ଘ ସଭାପତି ତଥା ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝିଙ୍କ ସଭାପତିତ୍ୱରେ ୨୧ତମ ଯାଦବ ମାଝି ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ କରାଯାଇଛି। ଏହି ପ୍ରତିଯୋଗିତା ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ଚଳିତବର୍ଷ ୮ଟି ଦଳ (ଉମରକୋଟ, ବଲାଙ୍ଗୀର, ସୁନ୍ଦରଗଡ଼, ସମ୍ବଲପୁର, ଭବାନୀପାଟଣା, ଟିଟିଲାଗଡ଼, ନୂଆପଡ଼ା ଏବଂ ଜଗଦଲପୁର) ଏଥିରେ ସାମିଲ ହେବେ। ଏହି ଟୁର୍ଣ୍ଣାମେଣ୍ଟ ୭ ଦିନ ମଧରେ ଶେଷ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ମ୍ୟାଚର ୟୁ ଟ୍ୟୁବ୍‌ରେ ସିଧାପ୍ରସାରଣ ଉପରେ ଗୁରୁତ୍ୱ ଦିଆଯାଇଛି। ବିଜୟୀ ଦଳକୁ ୩୦ ହଜାର ସହ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୨୦ହଜାର ସହ ଟ୍ରଫି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ବୈଠକକୁ ସଂଘର ବରିଷ୍ଠ ସଦସ୍ୟ ସୀମାଞ୍ଚଳ ଗଣ୍ଡ ପରିଚାଳନା କରିଥିଲେ। ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ସାମାଜିକ କର୍ମୀ ପୁରୁଷୋତ୍ତମ ପାଣି, ବୃନ୍ଦାବନ ମାଝି, ନରେନ୍ଦ୍ର ମାଝି, ବଳରାମ ପଟ୍ଟନାୟକ, ମୋହନ ପଟ୍ଟନାୟକ, ପରମେଶ୍ୱର ମାଝି, ମାୟାଧର ମାଝି, ଶିଶିର ମାଝି, ଆସ୍ତିକ ଦାସ, ସୌରୀ ରଞ୍ଜନ ସାହୁ, ରତ୍ନାକର ସାହୁଙ୍କ ସମେତ ପଲ୍ଲିଶ୍ରୀ ଯୁବକ ସଙ୍ଘ ସଦସ୍ୟମାନେ ଉପସ୍ଥିତ ଥିଲେ।

### କୃଷି ବିଭାଗର ସମୀକ୍ଷା ବୈଠକ



ଡାବୁଗାଁ, ୧୦।୧ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ନିକଟ କେରଣ୍ଡି ଗ୍ରାମ ପାଖରେ ଥିବା ଜଳଛାୟା ମିଶନ ନର୍ସରୀରେ କୃଷି ବିଭାଗର ଏକ ଜିଲାସ୍ତରୀୟ ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜ କିଶୋର ଲେଙ୍କା ଯୋଗଦେଇ ସରକାରଙ୍କ ଆତ୍ମା ଓ ବଳରାମ ଯୋଜନା ସମ୍ପର୍କରେ ଆଲୋଚନା କରି ଏହାର ସୁପରିଚାଳନା ପାଇଁ କୃଷି ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ନବରଙ୍ଗପୁର ବ୍ଲକ କୃଷି ଅଧିକାରୀ ଆୟୁର୍ବେଦୀ ମିଶ୍ର, ପାପଡାହାଣ୍ଡି ବ୍ଲକ କୃଷି ଅଧିକାରୀ ଆଶିଷ କୁମାର ସାହୁ ଓ ଉମରକୋଟ ବ୍ଲକ କୃଷି ଅଧିକାରୀ ସତ୍ୟପ୍ରକାଶ ସାମନ୍ତରାୟଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡାବୁଗାଁ ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# ବଢୁଛି ତନ୍ଦୁର, ମଟକା ଚା'ର ଚାହିଦା

ଜୟପୁର, ୧୦।୧ (ନି.ପ୍ର.)



ଗ୍ରାହକମାନେ ମଟକା ଚା'ର ମଜା ନେଉଛନ୍ତି ।

- ଏପରି ଚା' ପ୍ରସ୍ତୁତି, ବିକ୍ରି ଦକ୍ଷିଣ ଓଡ଼ିଶାରେ ପ୍ରଥମ
- ପ୍ରାକୃତିକ ଉପାୟରେ ହେଉଛି ପ୍ରସ୍ତୁତି

ଆଧୁନିକ ଯୁଗରେ ସମସ୍ତେ ପ୍ଲାଷ୍ଟିକ, କାଚ ଉପରେ ନିର୍ଭର କରୁଥିବା ବେଳେ ଏବେ ଆଉ ମାଟିପାତ୍ରର ବ୍ୟବହାର ଦେଖିବାକୁ ମିଳୁନାହିଁ । ମାତ୍ର ସମୟ ଥିଲା ଲୋକେ ମାଟି ହାଣ୍ଡିରେ ରାନ୍ଧିବା ସହ ମାଟି ନିର୍ମିତ ପାତ୍ରରେ ଖାଦ୍ୟ ଖାଉଥିଲେ। ଫଳରେ ସ୍ୱାସ୍ଥ୍ୟ ଭଲ ରହିବା ସହ ରନ୍ଧା ଖାଦ୍ୟର ସ୍ୱାଦ ମଧ୍ୟ ରହୁଥିଲା । ବ୍ୟସ୍ତ ବହୁଳ ଜୀବନରେ ଏହି ପରମ୍ପରା ଲୋପ ପାଇଛି। ତେବେ କୋରାପୁଟ ଜିଲା ଜୟପୁର ସହରର ତାରିଣୀ ଛକ ନିକଟରେ ହୋଇଥିବା ଏକ ଚା' ଦୋକାନରେ ମାଟି ନିର୍ମିତ ସାମଗ୍ରୀ ବ୍ୟବହାର ଆରମ୍ଭ ହୋଇଛି। ତନ୍ଦୁରି ଟି ନାମରେ ପରିଚିତ ଏହି ଦୋକାରେ ମାଟିହାଣ୍ଡିରେ ଚା' ତିଆରି ହେଉଛି। ମାଟିପାତ୍ରରେ ଲୋକଙ୍କୁ ଚା' ପ୍ରଦାନ କରାଯାଉଛି। ୪ ଯୁବକ ବିକାଶ ନାୟକ, କେଶବ ନାୟକ, ଆକାଶ ନାୟକ ଓ ରୋହିତ ନାୟକ ମିଳିତ ଭାବେ ଏହି ଦୋକାନ କରିଛନ୍ତି। ମାଟିପାତ୍ରରେ ଚା' ପିଇବା ଲାଗି ଏଠାରେ ଲୋକଙ୍କ ଭିଡ ମଧ୍ୟ ଜମୁଛି। ରୋହିତ ଦିଲ୍ଲୀରେ ଏପରି ଚା ବିକ୍ରି ହେଉଥିବା ଦେଖି ଏହାର ପ୍ରସ୍ତୁତି ପ୍ରଣାଳୀ ସେଠାରୁ ଶିଖି ଆସିଥିଲେ । ସେଠାରୁ ଆସି ଜୟପୁରରେ ସାଙ୍ଗମାନଙ୍କ ସହ ମିଶି ମାଟି ହାଣ୍ଡିର ଚା'କରି ବିକ୍ରି କରୁଛନ୍ତି। ଚା'ର ବିଭିନ୍ନ ପ୍ରକାର ନାମକରଣ ମଧ୍ୟ ସେ କରିଛନ୍ତି ଯଥା- ତନ୍ଦୁରି ଚା, ମଟକା ଚା, ଗ୍ରୀନ ଚା', ଲେମନ ଚା'। ତନ୍ଦୁରି ଓ ମଟକା ଚା'ର ଚାହିଦା ଅଧିକ ରହିଛି । ଏହି ଚା' ପ୍ରାକୃତିକ ଉପାୟରେ ହେଉଥିବା ବେଳେ ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ । ଏହି ମାଟି ହାଣ୍ଡି ଓ ଚା' ପିଇବାକୁ ମାଟିପାତ୍ର ସେ ଜୟପୁର ନିକଟସ୍ଥ କୁମ୍ଭାରପୁଟରୁ ଆଣୁଛନ୍ତି। ଏପରି ଚା' ପ୍ରସ୍ତୁତି ଓ ବିକ୍ରି ଦକ୍ଷିଣ ଓଡ଼ିଶାରେ ପ୍ରଥମ ବୋଲି କହନ୍ତି ରୋହିତ।

# ଜମି ମାଫିଆଙ୍କଠାରୁ ସଚେତନ ରହିବାକୁ ପରାମର୍ଶ



ସର୍ବ ସେବା ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଚନ୍ଦନ ପାଲ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ମୁନିଗୁଡ଼ା/ବିଷମକଟକ,୧୦।୧(ଡି.ଏନ୍.ଏ.)

**ଜାତୀୟ ସର୍ବ ସେବା ସଂଘ ଅଧ୍ୟକ୍ଷଙ୍କ ଗସ୍ତ**

ଗାନ୍ଧିବାଦୀ ଅନୁଷ୍ଠାନ ସମୂହର ସର୍ବୋଚ୍ଚ ସଂସ୍ଥା ସର୍ବ ସେବା ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଚନ୍ଦନ ପାଲ୍ ଏବଂ ସାଧାରଣ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ମହାପାତ୍ର ଶନିବାର ରାୟଗଡ଼ା ଜିଲା ମୁନିଗୁଡ଼ା ଏବଂ ବିଷମକଟକ ବ୍ଲକ୍ ଗସ୍ତରେ ଆସିଥିଲେ। ନୂତନଭାବେ ଦାୟିତ୍ୱ ଗ୍ରହଣ ପରେ ପାଲ୍ ପ୍ରଥମଥର ପାଇଁ ଓଡ଼ିଶା ଗସ୍ତରେ ଆସିଛନ୍ତି। ମୁନିଗୁଡ଼ାଠାରେ ପହଞ୍ଚିବା ପରେ ଷ୍ଟେଶନ ପରିସରରେ ତାଙ୍କୁ ସାମାଜିକ କର୍ମୀ ପ୍ରମିଳା ସ୍ୱାଇଁ, ବିଜୟ କୁମାର ବାବୁ, ଗୌରାଙ୍ଗ ଚରଣ ରାଉତ, ପୂର୍ବତନ ଜିଲା ଉନ୍ନୟନ ପରିଷଦର ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା, ଶରତ କୁମାର ସାହୁ, ତ୍ରଞ୍ଜୁ ହିକ୍କା, ସର୍ବୋଦୟ କର୍ମୀ ଦୟାନିଧି ପାତ୍ର, ଶିକ୍ଷା ସନ୍ଧାନର ଜିଲା ସଂଯୋଜକ ଅନନ୍ତ ସାମନ୍ତ, ପୁଲକ ମହାନ୍ତି, ରତ୍ନାଲୁ କାଡ୍ରାକା ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ପରେ ସେ ବିଷମକଟକ ବ୍ଲକ୍ ଡାକୁଲଗୁଡ଼ା ପଞ୍ଚାୟତ ତାଡିଙ୍ଗପାଇ ଗ୍ରାମରେ ପାଲ୍‌ଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ ବିନୋବା ଭବେ ଗସ୍ତ କରିଥିବା ସମସ୍ତ ଅଞ୍ଚଳକୁ ଯାତ୍ରା କରିବା ଲକ୍ଷ୍ୟ ନେଇ ଚନ୍ଦନ ପାଲ୍ ବାହାରିଛନ୍ତି। ବିନୋବା ଭବେଙ୍କ ଭୁଦାନ ଯାତ୍ରାବେଳେ ତାଡିଙ୍ଗପାଇଠାରେ ତାଙ୍କୁ ଗାଁର ମାଝି ହିକ୍କା ସହଯୋଗ କରିଥିଲେ। ଏହି ଅବସରରେ ଜାତୀୟ ସର୍ବ ସମିତି ପକ୍ଷରୁ ପାଲ୍ ମାଝିଙ୍କ ପୁଅ ଲକ୍ଷ୍ମଣ ହିକ୍କାଙ୍କୁ ସମ୍ମାନୀତ କରାଯାଇଥିଲା। ଏଥିସହ ମହାତ୍ମା ଗାନ୍ଧି ଏବଂ ବିନୋବା ଭବେଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ସେହିପରି ବିନୋବା ଭବେଙ୍କ ଭୁଦାନ ଯାତ୍ରା ବିଷୟରେ ଆଲୋଚନା କରିଥିଲେ। ମାଫିଆ ଏବଂ ଜମିଦାରମାନେ ପ୍ରଲୋଭନ ଦେଖାଇ ଆଦିବାସୀଙ୍କ ଜମି ହଡ଼ପ କରୁଛନ୍ତି। ତେଣୁ ପ୍ରଲୋଭନରେ ଆସି ଜମି ବିକ୍ରି ନ କରିବା ପାଇଁ ରାୟଗଡ଼ା ଜିଲା ପୂର୍ବତନ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା ବୁଝାଇଥିଲେ। ପାଲ୍‌ଙ୍କ ଗସ୍ତବେଳେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସମିତି ସଭ୍ୟା ବାସନ୍ତୀ ହିକ୍କା, ସାମାଜିକ କର୍ମୀ ପ୍ରମିଳା ସ୍ୱାଇଁ, ବିଜୟ କୁମାର ବାବୁ, ଗୌରାଙ୍ଗ ଚରଣ ରାଉତ, ଶରତ କୁମାର ସାହୁ, ତ୍ରଞ୍ଜୁ ହିକ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷକ, ଛାତ୍ର ପଜିଟିଭ୍

ଗୁଣପୁର,୧୦।୧(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ଗୁଣପୁର ସହରସ୍ଥିତ ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଜଣେ ଛାତ୍ର କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ରବିବାର ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ଟିମ୍ ଦ୍ୱାରା ସ୍ୱାବ୍ ସଂଗ୍ରହ କରାଯାଇ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ଏବଂ ଜଣେ ଛାତ୍ରଙ୍କ ରିପୋର୍ଟ ପଜିଟିଭ ଆସିଥିବା ଜଣାପଡ଼ିଛି। ଏହାପରେ ସଂକ୍ରମିତ ପ୍ରଧାନ ଶିକ୍ଷକ ଏବଂ ଛାତ୍ରଙ୍କୁ ହୋମ୍ ଆଇସୋଲେଶନରେ ରହିବାକୁ ପରାମର୍ଶ ଦିଆଯାଇଥିବା ଗୁଣପୁର ବିଇଓ ଅନ୍ତର୍ଯାମୀ ବେହେରା କହିଛନ୍ତି। ଏଥିସହ ସ୍କୁଲ୍‌କୁ ପଣି ସାନିଟାଇଜ୍ କରାଯାଇ ପାଠପଢ଼ା ଚାଲିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଶକ୍ରବାରଠାରୁ ୧୦ମ ଶ୍ରେଣୀ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଥିଲା। ପରେ ସ୍କଲ କର୍ତ୍ତୃପକ୍ଷ ରବିବାର ୩୧ପିଲା ଏବଂ ସ୍କଲର ସମସ୍ତ କର୍ମଚାରୀଙ୍କ କରୋନା ପରୀକ୍ଷା କରାଇଥିଲେ।

## ଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାୟଗଡ଼ା ଅଫିସ,୧୦।୧–

ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ରବିବାର ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ସ୍ଥାନୀୟ ଡିଆର୍‌ଡିଏ ସଦ୍‌ଭାବନା ସଭାଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଭାରପ୍ରାପ୍ତ ଡ଼ିଆରଡିଏ ପିଡି ଭୀମସେନ ଶବର, ରାୟଡ଼ା ଖଣି ନିଗମ ଆଞ୍ଚଳିକ ପ୍ରବନ୍ଧକ ହେମନ୍ତ ସିଂ, ଗୁଣପୁର ଆଇଟିଡିଏ ପିଏ ଗୋରଚନ୍ଦ ଗମାଙ୍ଗ, ରୟାଗଡ଼ା ଆଇଟିଡିଏ ପିଏ ଗୁକୁ ବାରିକଙ୍କ ସମେତ ଜିଲା ସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର, ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଜିଲାପାଳ ବେହେରାଙ୍କ କାର୍ଯ୍ୟ ଦକ୍ଷତା, ଦୃଢ଼ତାର ସହ କରୋନା ମୁକାବିଲା, ଚଇତି ଆୟୋଜନ ଆଦି କାର୍ଯ୍ୟକୁ ମନେ ପକାଇଥିଲେ। ଆଗାମୀ ଦିନରେ ନୂତନ ଦାୟିତ୍ୱ ସୁଚାରୁ ରୂପେ ପାଳନ ନେଇ ଅଧିକାରୀ ଓ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଥିଲେ। ସେହିପରି ରାୟଗଡ଼ା ପ୍ରେସ୍ କ୍ଲବ୍ ପକ୍ଷରୁ ମଧ୍ୟ ସଭାପତି ରାଜେଶ ପଟ୍ଟନାୟକ ଜିଲାପାଳଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କ୍ଲବ୍‌ର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ଉପ ସଭାପତି କେ.କେ. ଜେନା, ସହ ସମ୍ପାଦକ ମନୋଜ ପାତ୍ର, ସଭ୍ୟ ନବୀନ ସାହୁ, ବି. ଏଚ୍. ନାଗରାଜୁ, ଭାଗ୍ୟଶ୍ରୀ ମିଶ୍ର ଉପସ୍ଥିତ ଥିଲେ।

# ୟୁଏଆଇଏଲ୍‌ର ୱାକ୍ ଆଣ୍ଡ ସୁଇପ୍ ମୁଭ୍‌ମେଣ୍ଟ

ରାୟଗଡ଼ା ଅଫିସ/ଟିକିରି, ୧୦।୧(ଡି.ଏନ୍.ଏ.)–



ୟୁଏଆଇଏଲ୍ ପକ୍ଷରୁ ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ।

ଉତ୍କଳ ଆଉମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍(ୟୁଏଆଇଏଲ) ପକ୍ଷରୁରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦ୍ୱିମୁଣ୍ଡି ଗ୍ରାମରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ (ୱାକ୍ ଆଣ୍ଡ ସୁଇପ୍ ମୁଭ୍‌ମେଣ୍ଟ)ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କ ସହଯୋଗରେ କୋଭିଡ୍ ନିୟମକୁ ମାନି ଗାଁ ସଫେଇ କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ରକ୍ଷା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଗ୍ରାମରେ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ୟୁଏଆଇଏଲ୍ ପକ୍ଷରୁ କୁହାଯାଇଛି। ୟୁଏଆଇଏଲ୍‌ର ଟିମ୍ ଏବଂ ସିଏସ୍‌ଓ ସହଭାଗିତା ୱାର୍ଡ଼(ୱିମେନ ଅର୍ଗାନାଇଜେଶନ ଫର୍ ରୁରାଲ ଡେଭେଲପମେଣ୍ଟ)ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୟୁଏଆଇଏଲ୍‌ର ମାନବ ସମ୍ବଳ ମୁଖ୍ୟ ଆର୍.ପି. ସିଂ ଏହି ସ୍ୱଚ୍ଛତା ଅଭିଯାନର ଶୁଭାରମ୍ଭ କରିଥିଲେ। ମ୍ୟାନେଜମେଣ୍ଟ ଟିମ୍ ଗୌରୀ ଶଙ୍କର, ରମେଶ ଦୁବାଡ଼ା, ରାଜେଶ ପଟ୍ଟନାୟକ ଅଭିଯାନରେ ସାମିଲ ଥିଲେ । ୟୁଏଆଇଏଲ୍‌ର ୟୁନିଟ୍ ହେଡ୍ ମଜରୁଲା ବେଗ୍ ଉପସ୍ଥିତ ରହି ଗ୍ରାମବାସୀ, ୟୁଏଆଇଏଲ୍‌ର କର୍ମଚାରୀ ଏବଂ ସିଏସଓଙ୍କ ମିଳିତ ପ୍ରଚେଷ୍ଟାକୁ ସାଧୁବାଦ ଜଣାଇଥିଲେ। ୟୁଏଆଇଏଲ୍ ଓଡ଼ିଶାର ୫୭ଟି ଗ୍ରାମରେ ୩୦ ହଜାର ଲୋକଙ୍କୁ ସେବା ଯୋଗାଉଛି ବୋଲି ୟୁଏଆଇଏଲ୍‌ର ୟୁନିଟ୍ ହେଡ୍ କହିଛନ୍ତି।

# ବଡ଼ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ



ବିକାଶ ପରିଷଦ ଅଧ୍ୟକ୍ଷ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

କାଲିମେଳା,୧୦।୧(ଡି.ଏନ.ଏ)

**ବିଭିନ୍ନ ଅଞ୍ଚଳ ଗସ୍ତ କଲେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ**

ଆଗାମୀ ଦିନରେ ହେବାକୁ ଥିବା ମାଲକାନଗିରି ଜିଲାର ଗଣପର୍ବ କୁହାଯାଉଥିବା ବଡଯାତ୍ରା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି ଏବଂ ବିଧାୟକ ମଧ୍ୟ ଉନ୍ନୟନ କାର୍ଯ୍ୟ ପାଇଁ ତତ୍ପରତା ପ୍ରକାଶ କରିଛନ୍ତି। ମାଡକାମି ସ୍ୱତନ୍ତ୍ର ବିକାଶ ପରିଷଦ ପକ୍ଷରୁ ବଡଯାତ୍ରା ସମୟରେ ପୂଜା ପାଉଥିବା ମା' ମାଉଳିଙ୍କ ଆଶ୍ରୟ ସ୍ଥାନଗୁଡିକର ଉନ୍ନତିକରଣ ପାଇଁ କାଲିମେଳା ଅଞ୍ଚଳର ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହ ସ୍ଥାନ ନିରୂପଣ କରିଛନ୍ତି। ଅଧ୍ୟକ୍ଷ ମାଡକାମି ଶନିବାର ଶିଖପାଲି ଏମଭି-୧୯, ମାନ୍ୟମକୋଣ୍ଡା, ପଲୁର ଏମପିଭି-୮୨,ଏମପିଭି-୮୩, ଗୁର୍ମିମଗୁଡା, ଫୁଲକେନକୋଣ୍ଡା, ମେଟାଗୁଡା,ଏମଭି-୭୬ ଆଦି ଅଞ୍ଚଳ ଗସ୍ତ କରି ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଯାତ୍ରାରେ କେବଳ ମାଲାକନଗିରି ନୁହେଁ ସମଗ୍ର ଓଡିଶା ଏବଂ ଅନ୍ୟ ରାଜ୍ୟରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଜିଲାର ପଲୁରଠାରୁ ମାଲକାନଗିରି ମଧ୍ୟରେ ବଡଠାକୁରଙ୍କୁ ନେଉଥିବା ପୁଜାରୀମାନେ ଆଶ୍ରୟ ନେଉଥିବା ସ୍ଥାନରେ ଆଶ୍ରୟଗୃହ ନିର୍ମାଣ ହେବ। ଏଥିପାଇଁ ପରିଷଦ ପକ୍ଷରୁ ପ୍ରାୟ ୧କୋଟି ଟଙ୍କା ଖର୍ଚ୍ଚହେବ ବୋଲି ମାଡକାମି କହିଥିଲେ। ଏହି ସମୟରେ ମାନ୍ୟମକୋଣ୍ଡା ସରପଞ୍ଚ ହରି ଗୋଲରି, ପୂର୍ବତନ ସରପଞ୍ଚ ମୁକା ମାଡକାମି, ବି.କାମେଶ୍ୱର ରାଓ, ମୁଡା ମାଡି, ମୁକା କବାସୀ, ବିଶ୍ୱନାଥ ବୈଦ୍ୟ, କନାୟା କାଞ୍ଜିଲାଲ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଗତ ଏକ ସପ୍ତାହ ତଳେ ମଲକାନଗିରି ବିଧାୟକ ଆଦିତ୍ୟ ମାଡି ମାନ୍ୟମକୋଣ୍ଡା ଗସ୍ତ କରି ପାହାଡ ଉପରେ ମୁଖ୍ୟ ଗୁମ୍ଫା ନିକଟରେ ଥିବା ଠାକୁରଙ୍କ ମନ୍ଦିରର ଉନ୍ନତିକରଣ ପାଇଁ ନିଜ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ।

# ମା' ହେଲେ ୧୩ ବର୍ଷୀୟା ବାଳିକା

ଗୁଣପୁର,୧୦।୧(ଡି.ଏନ୍.ଏ.)

**ଅଭିଯୋଗ ପରେ ଅଭିଯୁକ୍ତ ଗିରଫ**

ରାୟଗଡ଼ା ଜିଲା ଗୁଣପୁର ଥାନା ରାମନାଗୁଡ଼ା ଫାଣ୍ଡି ଅଞ୍ଚଳର ଜଣେ ୧୩ ବର୍ଷୀୟା ବାଳିକା ମା' ହୋଇଥିବା ଜଣାପଡ଼ିଛି। ଶନିବାର ସନ୍ଧ୍ୟାରେ ନାବାଳିକା ଜଣଙ୍କ ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ କନ୍ୟା ସନ୍ତାନକୁ ଜନ୍ମଦେବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ପୋଲିସ ଏହି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ନାବାଳିକାଙ୍କ ପ୍ରସବ ପରେ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ରାମନାଗୁଡ଼ା ଫାଣ୍ଡିକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରି ଅଭିଯୁକ୍ତ ବୃନ୍ଦାବନ କାଡ୍ରାକା(୧୯)ଙ୍କୁ ଗିରଫ କରିଛି। ଏ ନେଇ ଗୁଣପୁର ଏସ୍‌ଡିପିଓ ରାଜକିଶୋର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ନାବାଳିକା ଜଣଙ୍କ ନିକଟସ୍ଥ ଆଶ୍ରମ ବିଦ୍ୟାଳୟରେ ୭ମ ଶ୍ରେଣୀରେ ପଢୁଥିବାବେଳେ କରୋନା ଯୋଗୁ ସେ ଘରେ ଥିଲେ। ବୃନ୍ଦାବନ ବିବାହିତ ହୋଇ ମଧ୍ୟ ନାବାଳିକାଙ୍କ ସହ ଅନୈତିକ ସମ୍ପର୍କ ରଖିଥିଲେ। ଶନିବାର ସନ୍ଧ୍ୟାରେ ନାବାଳିକାଙ୍କ ପେଟରେ ଯନ୍ତ୍ରଣା ଯୋଗୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ରବିବାର ସନ୍ଧ୍ୟାରେ ଜିଲା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ରାଜକିଶୋର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଏସ୍‌ଡିପିଓ ରାଜକିଶୋର ଦାସ, ଗୁଣପୁର ଥାନାଧିକାରୀ ମନୋଜ କୁମାର ବେହେରା,ସିଡିପିଓ, ଆଶାକର୍ମୀ ଏବଂ ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ନେଇ ଆଲୋଚନା ହୋଇଥିଲା। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ପରେ ଏ ନେଇ ରାମନାଗୁଡ଼ା ଫାଣ୍ଡିରେ ୪/୨୧ରେ ଏକ ମାମଲା ରୁଜୁ ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣର ମନୋରଞ୍ଜନ ମିଶ୍ର ଏହି ଘଟଣାରେ ସହଯୋଗ କରିଥିଲେ।

## କୋରାପୁଟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ନୂଆ କର୍ମକର୍ତ୍ତା

କୋରାପୁଟ,୧୦।୧(ସ୍ୱ.ପ୍ର.)

କୋରାପୁଟ ବ୍ୟାଡମିଣ୍ଟନ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ରବିବାର ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଭାବେ ମୋତିରଞ୍ଜନ ବେହେରା, ଉପସଭାପତି ଭାବେ ପ୍ରିୟବ୍ରତ ମହାନ୍ତି ଓ ପ୍ରତୀକ ରଥ, ସମ୍ପାଦକ ରୂପେ ଶୈଳେନ୍ଦ୍ର କୁମାର ଚୌଧୁରୀ, ଯୁଗ୍ମ ସମ୍ପାଦକ ଭାବେ ଅମରନାଥ ସାମନ୍ତରାୟ ଓ ବାପୁଜି ପାତ୍ର, କୋଷାଧ୍ୟକ୍ଷ ରୂପେ ଜିତେନ୍ଦ୍ର କୁମାର ବରାଡ ନିର୍ବାଚିତ ହୋଇଛନ୍ତି। ସତ୍ୟାଜ୍ଞାନ ପଣ୍ଡା, ସିଏଚ ମଣିକାନ୍ତ, ଲକ୍ଷ୍ମୀ ନାରାୟଣ ଦାସ, ପ୍ରଦୀପ କୁମାର ପାତ୍ର, ପ୍ରଦୀପ ନାୟକ ପ୍ରମୁଖ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ ହୋଇଥିବା ଆସୋସିଏଶନର ନିର୍ବାଚନ ପରିଚାଳନା ଅଧିକାରୀ ଆଇନଜୀବୀ କମଳାକାନ୍ତ ଦାସ ଅତିଥିଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏଶନର ସମ୍ପାଦକ ନିଲିନ କୁମାର, ସଦସ୍ୟ ସୁରୁଲାଲ ମାତାରି ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ଭଲିବଲ କୋଚ ଏ. ସାଇନି ଉପସ୍ଥିତ ଥିଲେ। କୋରାପୁଟ ଜିଲାରେ ବ୍ୟାଡମିଣ୍ଟନ ଖେଳକୁ ଅଧିକ ଲୋକାଭିମୁଖୀ କରିବା ସହ ଜିଲାରେ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଲାଗି ସେ କାର୍ଯ୍ୟ କରିବେ ବୋଲି ନବନିର୍ବାଚିତ ସଭାପତି ବେହେରା କହିଛନ୍ତି।



ନବ ନିର୍ବାଚିତ କର୍ମକର୍ତ୍ତାମାନେ।

# ରାଜନେତା, ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ

ନବରଙ୍ଗପୁର,୧୦।୧(ବି.ପ୍ର.)




ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ।

- ବାପ ଘରକୁ ନେବା ବାଟରେ ସ୍ତ୍ରୀକୁ ହତ୍ୟା ଘଟଣା
- କଂଗ୍ରେସର ଖବରଦାତା ସମ୍ମିଳନୀ

ଉମରକୋଟ ଥାନା ଅଧୀନ ୟୁଭି-୫୨ ଗାଁର ବିପ୍ଲବ ବିଶ୍ୱାସ ସ୍ତ୍ରୀ ସିପ୍ରାଙ୍କୁ ତାଙ୍କ ବାପଘରକୁ ନେବା ବାଟରେ ଗତ ୫ ତାରିଖରେ ହତ୍ୟା କରି ଥାନାରେ ଆତ୍ମସମର୍ପଣ କରିଥିଲେ। ଏହି ଘଟଣା ସମ୍ପର୍କରେ ରବିବାର ସ୍ଥାନୀୟ କଂଗ୍ରେସ ଭବନରେ ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଅଭିଯୁକ୍ତ ବିପ୍ଲବ ଓ ତାଙ୍କ ମା'ଙ୍କ ଏକ ଅଡିଓ କଲ୍ କଂଗ୍ରେସ ହାତରେ ଲାଗିଛି। ଅଡିଓରେ ସିପ୍ରାଙ୍କୁ ହତ୍ୟା କରିବାକୁ ଯୋଜନା ଥିବା ସମ୍ପର୍କରେ ବିପ୍ଲବ ତାଙ୍କ ମା'ଙ୍କୁ ଜଣାଉଛନ୍ତି। ପୂର୍ବରୁ ରାଜନେତା, ପ୍ରଶାସନିକ ଅଧିକାରୀ ଓ ଓକିଲଙ୍କୁ ଟଙ୍କା ଦେଇ ଖସିବା ବାଟ ରଖିଛନ୍ତି ବୋଲି ବିପ୍ଲବ ମା'ଙ୍କୁ କହୁଥିବା ରେକର୍ଡିଂ ରହିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ଅଡିଓ ଟେପ୍‌ର ସତ୍ୟାସତ୍ୟ ଯାଞ୍ଚ କରିବାକୁ ଦଳ ଦାବି କରିଛି। ଯଦି ଏହା ସତ୍ୟ ହୋଇଥାଏ ବିପ୍ଲବଙ୍କଠାରୁ ଟଙ୍କା ନେଇ ଥିବା ରାଜନେତା, ପ୍ରଶାସନିକ ଅଧିକାରୀ ଓ ଓକିଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପୂର୍ବତନ ଏମ୍‌ପି ତଥା ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି କହିଛନ୍ତି। ଏଥିସହ ଜିଲା କଂଗ୍ରେସ କମିଟିର ଥିବା ୧୦ଟି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଅଡିଓ ଟେପ୍‌ରେ ଯେଉଁମାନଙ୍କ ନାମ ରହିଛି ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ବିପ୍ଲବ ସହରର ଏକ ହୋଟେଲରେ ରାଜନେତା, ପ୍ରଶାସନିକ ଅଧିକାର ଓ ଆଇନଜୀବୀକୁ ଡକାଇ ଟଙ୍କା ଦେଇଥିବା ସମ୍ପର୍କରେ ଅଡିଓରେ କହିଛନ୍ତି। ଉକ୍ତ ହୋଟେଲର ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ସତ୍ୟତା ବାହାରକୁ ଅଣାଯାଉ ବୋଲି ପ୍ରଦୀପ ମାଝି କହିଛନ୍ତି। ଅବଶ୍ୟକ ସ୍ଥଳେ ଏସ୍‌ଆଇଟିକୁ ତଦନ୍ତଭାର ଦେବା ଜରୁରୀ ବୋଲି ଦଳ ପକ୍ଷରୁ କୁହାଯାଇଛି। ଦଳର ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଜିଲା ସଭାପତି ତ୍ରିପାଠୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପରି ସାହୁ, ଦିଲ୍ଲୀପ ବେହେରା, ଯୁବ କଂଗ୍ରେସ ସଭାପତି ଅଖିଳ ଭତରା, କୁନା ତ୍ରିପାଠୀ, ବୃନ୍ଦାବନ ତ୍ରିପାଠୀ, ଇମ୍ରାନ ଖାନ୍, ସଞ୍ଜୀବ ବିଷୋୟୀ, ଚନ୍ଦ୍ର ମଲ୍ଲିକ, ବାସୁଦେବ ପଟ୍ଟନାୟକ, ଭୀମ ହରିଜନ, ଉତ୍ତମ ତ୍ରିପାଠୀ, ଅବଦୁଲ ଫିରୋଜ ପ୍ରମୁଖ ଉପସ୍ଥିତ ଥିଲେ।

